# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 January - 2025

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଆଧୁନିକ ବିଶ୍ୱ ପାଇଁ ଭାରତର ଗଣତନ୍ତ୍ର ଏକ ଅନନ୍ୟ ଉଦାହରଣ; କହିଲେ, ରାଷ୍ଟ୍ରପତି

— 'ମତଦାନର ବିକଳ୍ପ ନାହିଁ-ମୁଁ ନିଶ୍ଚିତ ଭୋଟ ଦେବି'ର ବାର୍ତ୍ତା ନେଇ ଆଜି ଦେଶରେ ପାଳନ କରାଯାଉଛି ଜାତୀୟ ମତଦାତା ଦିବସ

- ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଦେଶବାସୀଙ୍କୁ କରିବେ ସମ୍ବୋଧନ

— ଉଲ୍ଲେଖନୀୟ ସେବା ପାଇଁ ରାଜ୍ୟର ୧୯ ଜଣ ପୁଲିସ୍ ଅଧିକାରୀଙ୍କୁ ମିଳିବ ପଦକ

- ପର୍ଯ୍ୟଟନର ମହତ୍ତ୍ୱ ସମ୍ପର୍କରେ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଜାତୀୟ ପର୍ଯ୍ୟଟନ ଦିବସ

ଏବଂ

- ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗର ଆଜି ସନ୍ଧ୍ୟାରେ ୨ଟି ମ୍ୟାଚ୍ ଖେଳାଯିବ

# ଜାତୀୟ ଭୋଟର ଦିବସ

'ମତଦାନର ବିକଳ୍ପ ନାହିଁ, ମୁଁ ନିଶ୍ଚିତ ଭୋଟ୍ ଦେବି'ର ବାର୍ତ୍ତା ନେଇ ପଞ୍ଚଦଶ ଜାତୀୟ ମତଦାତା ଦିବସ ଆଜି ପାଳିତ ହେଉଛି । ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ମତଦାତାଙ୍କୁ ସାମିଲ କରିବା ନେଇ ସଚେତନତା ବୃଦ୍ଧି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ଭାରତ ଏକ ଧର୍ମନିରପେକ୍ଷ ସାର୍ବଭୌମ ରାଷ୍ଟ୍ର ଘୋଷିତ ହୋଇଥିଲା। ଏହାର ଦିନକ ପୂର୍ବରୁ ଭାରତର ନିର୍ବାଚନ କମିଶନ ଆଜିର ଦିନରେ ପ୍ରତିଷ୍ଠା ହୋଇଥିଲା ଏବଂ ୨୧ ବର୍ଷରୁ ଅଧିକ ବୟସର ପ୍ରତ୍ୟେକ ନାଗରିକଙ୍କୁ ମତଦାନ ଅଧିକାର ମିଳିଥିଲା। ଏହି ଦିନକୁ ସ୍ମରଣୀୟ କରିବା ପାଇଁ ଜାନୁୟାରୀ ୨୫ ତାରିଖକୁ ମତଦାତା ଦିବସ ଭାବେ ପାଳନ କରାଯାଇଥାଏ। ଆଜିର ଦିନକୁ ଭୋଟରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବା ସହ ଅଧିକ ଯୁବ ଭୋଟରଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିଥାଏ।

ନୂଆଦିଲ୍ଲୀରେ ଆୟୋଜିତ ହେଉଥିବା ଜାତୀୟ ମତଦାତା କାର୍ଯ୍ୟକ୍ରମରେ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି, ଭାରତର ଗଣତନ୍ତ୍ର ବିଶ୍ୱର ସର୍ବପୁରାତନ, ବିଶାଳ ଏବଂ ବିବିଧତାରେ ପୂର୍ଣ୍ଣ। ଆଧୁନିକ ବିଶ୍ୱ ପାଇଁ ଭାରତର ଗଣତନ୍ତ୍ର ଉଲ୍ଲେଖନୀୟ ଓ ଅନନ୍ୟ ଉଦାହରଣ।

ଦେଶର ନିର୍ବାଚନ ପ୍ରକ୍ରିୟାରୁ ଅନ୍ୟ ରାଷ୍ଟ୍ର ଶିକ୍ଷା ଗ୍ରହଣ କରୁଛନ୍ତି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି....

# - V/O -

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ମତଦାତା ଦିବସରେ ଦେଶର ନାଗରିକଙ୍କୁ ଅଂଶଗ୍ରହଣ ପାଇଁ ଆହ୍ୱାନ ଦେଇଛନ୍ତି। ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖି ଦେଶର ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଶ୍ରୀ ମୋଦୀ କହିଛନ୍ତି।

ମତଦାନ ଅଧିକାରକୁ ବ୍ୟବହାର କରି ଭାରତର ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଜାତୀୟ ଭୋଟର ଦିବସରେ **ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି।

ଗଣତନ୍ତ୍ରର ମୂଲ୍ୟବୋଧକୁ ବଜାୟ ରଖି ମତଦାନ ପ୍ରତି ଆମର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିବା। ପ୍ରତ୍ୟେକ ଭୋଟ ଗଣତନ୍ତ୍ରକୁ ସଶକ୍ତ କରିବା ସହ ରାଜ୍ୟ ଓ ଦେଶର ଭବିଷ୍ୟତ ଗଠନ କରିବା ଲାଗି ଜରୁରୀ ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି।

ଆଜିର ଦିନ ପ୍ରତ୍ୟେକ ଭୋଟ୍‌ର ମୂଲ୍ୟ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ପ୍ରତ୍ୟେକ ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ମରଣ କରାଇଥାଏ ବୋଲି **କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ** କହିଛନ୍ତି।

## ରାଷ୍ଟ୍ରପତିଙ୍କ ଅଭିଭାଷଣ

୭୬ତମ ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟା ୭ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିବେ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ  ଚ୍ୟାନେଲ୍‌ରେ ପ୍ରଥମେ ହିନ୍ଦୀ ଏବଂ ପରେ  ଇଂରାଜୀରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରସାରଣ କରାଯିବ । ରାଷ୍ଟ୍ରପତିଙ୍କ ଅଭିଭାଷଣର ଆଞ୍ଚଳିକ ଭାଷାନ୍ତରଣ ଆକାଶବାଣୀର ସମସ୍ତ ଆଞ୍ଚଳିକ ନେଟଓ୍ୱାର୍କରେ ରାତି ୯ଟା ୩୦ ମିନିଟ୍‌ରେ ପ୍ରସାରଣ କରାଯିବ ।

## ପୁରସ୍କାର ଘୋଷଣା

ସାଧାରଣତନ୍ତ୍ର ଦିବସ ଅବସରରେ ଜାତୀୟ ସାହସିକତା ଓ ସେବା ପୁରସ୍କାର ଘୋଷଣା ହୋଇଛି। ଦେଶର ବିଭିନ୍ନ ରାଜ୍ୟର ପୁଲିସ୍, ଅଗ୍ନିଶମବାହିନୀ, ହୋମ୍‌ଗାର୍ଡ, ସିଭିଲ୍ ଡିଫେନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଓ ସାହସିକତା ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ଉଲ୍ଲେଖନୀୟ ସେବା ପାଇଁ ଓଡ଼ିଶାର ୧୯ ଜଣ ପୁଲିସ୍ ଅଧିକାରୀଙ୍କୁ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। ଏ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ତାଲିକା ପ୍ରକାଶ ପାଇଛି।

ବିଶିଷ୍ଟ ସେବା ନିମନ୍ତେ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ, କାର୍ଯ୍ୟକ୍ଷେତ୍ରରେ ସାହସିକତା ପ୍ରଦର୍ଶନ ନିମେନ୍ତ ୬ ଜଣଙ୍କୁ ସାହସିକତା ପୁଲିସ ସେବା ପଦକ ଓ ୧୧ ଜଣଙ୍କୁ ଉଲ୍ଲେଖନୀୟ ପୁଲିସ୍ ସେବା ପଦକ ମିଳିବ।

## ସାଧାରଣତନ୍ତ୍ର ଦିବସ ପାଳନ

ସାଧାରଣତନ୍ତ୍ର ଦିବସକୁ ଭବ୍ୟ ରୂପେ ପାଳନ କରିବା ପାଇଁ ପ୍ରଥମଥର ଓଡ଼ିଶା ଉପକୂଳରେ ଥିବା ୧୦ଟି ଦ୍ୱୀପରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ । ଡିଜିପି-ଆଇଜି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗରେ କହିବା ପରେ କୋଷ୍ଟଗାର୍ଡ ପକ୍ଷରୁ ଏ ନେଇ ଜାଗା ଚିହ୍ନଟ କରାଯାଇଥିବା ଆଇନ୍‌ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ଦ୍ୱୀପଗୁଡ଼ିକରେ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।

## ସାଧାରଣତନ୍ତ୍ର ଦିବସ ନିମନ୍ତ୍ରଣ

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ସମାରୋହରେ ଦେଶର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରାଯାଇଛି ।

**ଗଞ୍ଜାମ** ଜିଲ୍ଲାର ସନତ୍ କୁମାର ନାୟକଙ୍କୁ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବା ପାଇଁ ସୁଯୋଗ ମିଳିଛି । ଶ୍ରୀ ନାୟକ ଗ୍ରାମ୍ୟ ଜଳ ପରିମଳ କମିଟିରେ ଉଲ୍ଲେଖନୀୟ କାର୍ଯ୍ୟକରି ବିଶୁଦ୍ଧ ପାନୀୟ ଜଳର ସୁବିଧା ଲୋକଙ୍କୁ ଉପଲବ୍ଧ କରାଇ ପାରିଛନ୍ତି । ଏ ସମ୍ପର୍କରେ ଶ୍ରୀ ନାୟକ ଆକାଶବାଣୀକୁ କହିଛନ୍ତି...

# - V/O -

## ଜାତୀୟ ପର୍ଯ୍ୟଟନ ଦିବସ

ପର୍ଯ୍ୟଟନ ଦେଶର ଆର୍ଥିକ ଅଭିବୃଦ୍ଧିର ଏକ ବଡ଼ ମାଧ୍ୟମ। 'ଅନ୍ତର୍ଭୁକ୍ତି' ଅଭିବୃଦ୍ଧି ପାଇଁ ପର୍ଯ୍ୟଟନର ବାର୍ତ୍ତା ନେଇ ଆଜି ଜାତୀୟ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି।  ଦେଶର ଅର୍ଥବ୍ୟବସ୍ଥାର ଉନ୍ନତି ଏବଂ ପର୍ଯ୍ୟଟନର ମହତ୍ତ୍ୱ ସମ୍ପର୍କରେ ସଚେତନତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ୧୯୪୮ ମସିହା ପରଠାରୁ ଜାତୀୟ ପର୍ଯ୍ୟଟନ ଦିବସ ପାଳିତ ହୋଇଆସୁଛି। ଦେଶର ଜିଡିପିରେ ପର୍ଯ୍ୟଟନ କ୍ଷେତ୍ରର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ପର୍ଯ୍ୟଟନ ଶିଳ୍ପ ଯୋଗୁଁ ଲକ୍ଷ ଲକ୍ଷ ଲୋକ ରୋଜଗାର ପାଇବା ସହିତ ଦେଶର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବାରେ ଏହି ଶିଳ୍ପ ସହାୟକ ହୋଇପାରିଛି।

## ବିଜ୍ଞପ୍ତି

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଅଧ୍ୟକ୍ଷ ପଦବୀ ପୂରଣ ନିମନ୍ତେ ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇଛି। ଆସନ୍ତାମାସ ୨୪ ତାରିଖ ସୁଦ୍ଧା ଆବେଦନ କରିବା ପାଇଁ ବିଭାଗ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ସୂଚନାଯୋଗ୍ୟ, ଏହି ପଦବୀରେ ସର୍ବାଧିକ ୫ ବର୍ଷ କିମ୍ବା ୬୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ।

## ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ

ଷୋଡଶତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆଜିଠାରୁ ଆରମ୍ଭ ହେଉଛି । ନେହେରୁ ଯୁବକେନ୍ଦ୍ର ଓଡ଼ିଶା ଶାଖା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଛତିଶଗଡ, ମଧ୍ୟପ୍ରଦେଶ ଏବଂ ଓଡ଼ିଶାର ୫ଟି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ୨୨୦ଜଣ ଯୁବ ପ୍ରତିନିଧି ଏଥିରେ ଯୋଗ ଦେଇଛନ୍ତି ।

## ତୀର୍ଥଯାତ୍ରା ଯୋଜନା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ **ବୌଦ୍ଧ** ଜିଲ୍ଲାରେ ୨୭ ତାରିଖରୁ ଜିଲ୍ଲାର ବରିଷ୍ଠ ନାଗରିକମାନେ ଯାତ୍ରା ଆରମ୍ଭ କରିବେ। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତୀର୍ଥଯାତ୍ରାରେ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ ସମସ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ମତଦାତା ଦିବସ-ଜିଲ୍ଲା

**ଭଦ୍ରକ** ଜିଲ୍ଲା ନିର୍ବାଚନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ମତଦାତା ଦିବସ ପାଳିତ ହୋଇଛି। ଏହି ଅବସରରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ପ୍ରଶାସନିକ ଅଧିକାରୀମାନେ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।

**ନୟାଗଡ଼** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ମତଦାତା ଦିବସ ପାଳିତ ହୋଇଛି । ଅଧିକ ସଂଖ୍ୟାରେ ଭୋଟ ଦେଇ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା ।

**ବୌଦ୍ଧ** ଜିଲ୍ଲାରେ ଗଣତନ୍ତ୍ରର ସୁରକ୍ଷା ନିମନ୍ତେ ମତଦାତାମାନେ ମତଦାନରେ ସକ୍ରିୟ ଅଂଶଗ୍ରହଣ କରିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ନୂତନ ମତଦାତାଙ୍କୁ ସ୍ୱାଗତ କରିବା ସହ ଭୋଟର ପରିଚୟପତ୍ର ପ୍ରଦାନ କରାଯାଇଥିଲା ।

**କନ୍ଧମାଳ** ଜିଲ୍ଲା ପ୍ରଶାସନ ପକ୍ଷରୁ ମତଦାତା ଦିବସ ଅବସରରେ ଶତାଧିକ ଛାତ୍ରଛାତ୍ରୀ ବୁଦ୍ଧିଜୀବୀ ସଚେତନତା ପଦଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଛନ୍ତି ।

**ରାୟଗଡା** ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ମତଦାତା ଦିବସ ଅବସରରେ ସାଧାରଣ ସଭା ଓ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି ।

**ଢେଙ୍କାନାଳ** ଜିଲ୍ଲା କାର୍ଯ୍ୟାଳୟରେ ଜାତୀୟ ମତଦାତା ଦିବସ ପାଳିତ ହୋଇଛି । ବିବିଧତା ସତ୍ତ୍ୱେ ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନୀ ପର୍ବ ସମାପନ ହେଉଥିବାରୁ ଏହା ସାରା ବିଶ୍ୱରେ ସଫଳ ଗଣତନ୍ତ୍ର ରାଷ୍ଟ୍ରଭାବେ ଉଦାହରଣ ହୋଇପାରିଛି ବୋଲି ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ କହିଛନ୍ତି ।

**ପୁରୀ** ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ମତଦାତା ଦିବସ ପାଳିତ ହୋଇଛି । ପ୍ରତ୍ୟେକ ମତଦାତା ନିଶ୍ଚିତ ମତଦାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।

## 'ସମସ୍ତଙ୍କ ପାଇଁ ଶିକ୍ଷା'

'ସମସ୍ତଙ୍କ ପାଇଁ ଶିକ୍ଷା' ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା ସଦର ମହକୁମାଠାରେ ଏକ ଘରୋଇ ଶିକ୍ଷାନୁଷ୍ଠାନ ପକ୍ଷରୁ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଷ୍ଟାଡିୟମ୍‌ରୁ ସହରର ମାଲ୍ୟବନ୍ତ ହଷ୍ଟେଲ ପର୍ଯ୍ୟନ୍ତ ମାରାଥନ ଦୌଡ ହୋଇଥିଲା । ଏଥିରେ ବିଭିନ୍ନ ମହାବିଦ୍ୟାଳୟ ଓ ଅନୁଷ୍ଠାନରୁ ୩୦୦ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ଅଂଶଗ୍ରହଣ କରିଥିଲେ ।

## ଓଳାଶୁଣି ଗୁମ୍ଫା ମହୋତ୍ସବ

ଯାଜପୁର ପଲାଇମୌଜା ସ୍ଥିତ ଓଳାଶୁଣୀ ପୀଠରେ ଆୟୋଜିତ ଦ୍ୱାଦଶ ଓଳାଶୁଣି ଗୁମ୍ଫା ମହୋତ୍ସବକୁ ଆଜି ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଓଡ଼ିଶାର ସନ୍ଥ, ସାଧକମାନଙ୍କୁ ସମ୍ମାନିତ କରାଯିବ ବୋଲି ଓଳାଶୁଣି ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଅନୁସାରେ, ମାଘ କୃଷ୍ଣ ଏକାଦଶୀ ତିଥିଠାରୁ ଓଳାଶୁଣି ଗୁମ୍ଫା ଯାତ୍ରା ଅନୁଷ୍ଠିତ ହୋଇଥାଏ ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ପୁରୁଷବର୍ଗରେ ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଆଜି ପ୍ରଥମ ମ୍ୟାଚ୍ ତାମିଲନାଡୁ ଡ୍ରାଗନ୍ସ ଏବଂ ଟିମ୍ ଗୋନାସିକା ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ ମ୍ୟାଚ୍‌ରେ ହାଇଦ୍ରାବାଦ ତୁଫାନ୍ସ ଏବଂ ୟୁପି ରୁଦ୍ରାସ ପରସ୍ପରକୁ ଭେଟିବେ ।

ମହିଳା ବର୍ଗରେ ଟାଇଟଲ ହାସଲ ପାଇଁ ଆସନ୍ତାକାଲି ଓଡ଼ିଶା ୱାରିୟର୍ସ ଏବଂ ସୁର୍‌ମା ହକି କ୍ଲବ ମଧ୍ୟରେ ମୁକାବିଲା ହେବ । ରାଞ୍ଚିର ଜୟପାଲସିଂହ ହକି ଷ୍ଟାଡିୟମଠାରେ ଗତକାଲି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ସୁର୍‌ମା ହକି କ୍ଲବ ବେଙ୍ଗଲ ଟାଇଗର୍ସଙ୍କୁ ପରାସ୍ତ କରିଛି ।